# ବାଇକ୍‌ରେ ଓଡ଼ିଶା ପରିଭ୍ରମଣକାରୀ ହେମନ୍ତ ସାହୁଙ୍କୁ ଜିଲ୍ଲା ସାମ୍ବାଦିକ ୟୁନିୟନର ସମ୍ବର୍ଦ୍ଧନା

ଜଗତସିଂହପୁର, ୫।୩(ସମିସ): ଯୁଗଯାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ ଏକକ ସମ୍ପର୍କ ଅଭିଯାନରେ ଓଡ଼ିଶା ପରିଭ୍ରମଣ କରୁଥିବା ସାମ୍ବାଦିକ ହେମନ୍ତ ସାହୁଙ୍କୁ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କନ୍ଧମାଳ ଜିଲ୍ଲାର ଯୁଗଯାତ୍ରୀ ସାହିତ୍ୟ ସଂସଦ ଅନୁଷ୍ଠାନ ପକ୍ଷରୁ ଏହି ଏକକ ସମ୍ପର୍କ ଅଭିଯାନର ଶୁଭାରମ୍ଭ ଗତ ଫେବୃଆରୀ ୧୬ ତାରିଖରୁ ହୋଇଛି। ବିଭିନ୍ନ ଜିଲ୍ଲା ପରିଭ୍ରମଣ କରି ଶ୍ରୀ ସାହୁ ଜଗତସିଂହପୁରରେ ପହଞ୍ଚିବା ପରେ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ପରେ ସ୍ଥାନୀୟ ସର୍କିଟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିଅନର ରାଜ୍ୟ ସଂଗଠନ ସମ୍ପାଦକ ଶୁଭଙ୍କର ଜେନାଙ୍କ ନେତୃତ୍ୱରେ ଓ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ସଭାପତି ରମାକାନ୍ତ ଦାସ, କୋଷାଧ୍ୟକ୍ଷ ପ୍ରତାପ କୁମାର ସିଂହ, ସାମ୍ବାଦିକ ଅମ୍ବିକା ପ୍ରସାଦ ମହାପାତ୍ର, ପବିତ୍ର ମୋହନ ବେହେରା, ଏସ୍‌କେ ରିୟାଜ ଉଦ୍ଦିନ ପ୍ରମୁଖଙ୍କ ଉପସ୍ଥିତିରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା।

ଶ୍ରୀ ସାହୁ ନିଜ ସଂସଦର ଗୌରବମୟ ଇତିହାସ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେବା ସହ ଏ ଯାତ୍ରା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ଓଡ଼ିଶାରେ ପ୍ରଥମ ଥର ପାଇଁ ଯୁଗଯାତ୍ରୀ ସାହିତ୍ୟ ସଂସଦ ତିରିଶ ଜିଲ୍ଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନକୁ ସମ୍ପର୍କ ଅଭିଯାନରେ ସାମିଲ କରୁଥିବା କହିଥିଲେ। ଏହି ଅଭିଯାନ କଳାହାଣ୍ଡିରେ ମାର୍ଚ୍ଚ ୧୮ ରେ ଶେଷ ହେବାର ଯୋଜନା ରହିଛି ବୋଲି କହିଥିଲେ।

# ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ

ବାଲିକୁଦା, ୫।୩(ସମିସ): ବାଲିକୁଦା ମେଡିକାଲ ପରିସରରେ ହ୍ୟୁମାନ ପାପିଲୋମା (ଏଚପିଭି) ଟିକାକରଣ ଶୁଭାରମ୍ଭ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସାଫଲ୍ୟ



ରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ଅନ୍ୟତମ ଅତିଥି ଭାବେ ବିଡିଓ ସାଗର କୁମାର ନନ୍ଦ, ଜିଲ୍ଲାପରିଷଦ ଡଲି ପଣ୍ଡା, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଜିଲ୍ଲାପରିଷଦ ସଦସ୍ୟା ରୁନିଲତା ବେହେରା, ବ୍ଲକ୍ ପୋଗ୍ରାମ ଅଫିସର ବନ ବିହାରୀ ମହାରଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜରାୟୁ କର୍କଟ କିଶୋରୀଙ୍କ କ୍ଷେତ୍ରରେ ବୃଦ୍ଧି ପାଉଥିବା ବେଳେ ଏହି ଟିକାକାରଣ ଏହାର ପ୍ରତିକାର କରିବ ବୋଲି ପ୍ରକାଶ କରିଥିଲେ। ଏହି ଟିକା ସମ୍ପୂର୍ଣ୍ଣ ଦେୟ ମୁକ୍ତ ଓ ଏହା ୩ ମାସ ବ୍ୟାପି ଚାଲିବ ବୋଲି ସୂଚନା ମିଳିଛି। ଉଦ୍‌ଘାଟନ ଦିବସରେ ମୋଟ ୬୩ ଜଣ କିଶୋରୀ ଟିକା ନେଇଥିବା ସୂଚନା ମିଳିଛି।

# ପାରାଦୀପ ପ୍ରତି ବିଜୁ ବାବୁଙ୍କର ସ୍ୱତନ୍ତ୍ର ଶ୍ରଦ୍ଧା ରହିଥିଲା





ପାରାଦୀପ, ୫।୩(ସମିସ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ଆଜି ପାରାଦୀପରେ ପାଳିତ ହୋଇଯାଇଛି। ସକାଳେ ଦଳୀୟ ନେତୃବୃନ୍ଦ ଅଠରବାଙ୍କୀସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ପାରାଦୀପ ଅଞ୍ଚଳବାସୀଙ୍କ ପ୍ରତି ବିଜୁ ବାବୁଙ୍କର ଶ୍ରଦ୍ଧା ରହିଥିଲା। ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଠାରେ ପାରାଦୀପ ନଗରର ବରିଷ୍ଠ ବିଜେଡି ନେତାମାନେ ଯୋଗ ଦେଇ ବିଜୁ ବାବୁଙ୍କ ଜୟନ୍ତୀ ଉତ୍ସବ ପାଳନ କରିଥିଲେ। ନଗର ସଭାପତି କୁମର ବର ନାୟକଙ୍କ ସଭାପତିତ୍ୱ ରେ ଆୟୋଜିତ ଜୟନ୍ତୀ ଉତ୍ସବ ରେ ଉପସ୍ଥିତ ନେତାମାନେ ବିଜୁ ବାବୁ ଙ୍କ ନୀତିଆଦର୍ଶ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଭା ମଞ୍ଚରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜିଲ୍ଲା ମହିଳା ବିଜେଡି ସଭାପତି ଲୋରା ମହାପାତ୍ର, କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷା ନୀନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ୍ ସ୍ୱାଇଁ, ମହିଳା ନେତ୍ରୀ ସବିତା ମହାପାତ୍ର, ବିଜେଡି ନେତା ଇଂ ପ୍ରମୋଦ କିଶୋର ଜେନା, ସୁଡଳ ସ୍ୱାଇଁ, ସତ୍ୟବାନ ମୁଦୁଲି, ଯୁବ ନେତା ରଶ୍ମି ରଞ୍ଜନ ପରିଡା, ଆଲୋକ ମହାପାତ୍ର, ଚିନ୍ମୟ ରଞ୍ଜନ ପରିଡା, ପାରିଷଦ ଜଗନ୍ନାଥ ରାଓ, ପ୍ରଭାତୀ ନାୟକ, ରୁନି ଲତା ପରିଡା, ଅଜିତ ଷଡଙ୍ଗୀ, ସୁଶାନ୍ତ ଦାସ, ନବ କିଶୋର ବେହେରା ଓ ପୂର୍ବତନ ପାରିଷଦ ଶଙ୍କର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

**ଜଗତସିଂହପୁର:** ଜଗତସିଂହପୁର ସଦର ବ୍ଲକ୍ ପୁରୁଣାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସରରେ ଝଡ଼ର ଇଗଲ ମାଟିର ମୂର୍ତ୍ତିକାର, ଦୁର୍ଦ୍ଧଷ ବୈମାନିକ ତଥା ଧୂରୀଣ ରାଜନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ପାଠାଗାର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସଭାପତି ଆଲୋଚନା ଆରମ୍ଭ କରି କହିଲେ କି ବିଜୁ ବାବୁ ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣଙ୍କୁ ଡଚମାନଙ୍କ କବଳରୁ ତାଙ୍କ ନିଜ ବିମାନ ରେ ଖସାଇ ନେଇ ଆସି ସାରା ପୃଥିବୀରେ ଉଦାହରଣ ସୃଷ୍ଟି କରିଥିଲେ। ଶିକ୍ଷବିତ ବଂଶୀଧର ଆଚାର୍ଯ୍ୟ ଆଲୋଚନାରେ ଅଂଶ ଗ୍ରହଣ କରି କହିଲେ କି ବିଜୁ ବାବୁଙ୍କ ସମୟରେ ଓଡ଼ିଶା କୃଷି, ଶିଳ୍ପ, ଶିକ୍ଷା ଓ ପରିବହନ କ୍ଷେତ୍ରରେ ବହୁ ବିକାଶ କରିଥିଲା। ଉପଦେଷ୍ଟା ବିଜୟ ପତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପାରାଦ୍ୱୀପ ବନ୍ଦର ହେଉଛି ବିଜୁ ପଟ୍ଟନାୟକଙ୍କ ଓଡ଼ିଶାକୁ ସର୍ବଶ୍ରେଷ୍ଠ ଅବଦନ। ଅନ୍ୟମାନଙ୍କ ମଧ୍ୟରେ ବିଭୂତି ଭୂଷଣ ଲେଙ୍କା, ସତ୍ୟବାଦୀ ଦାସ, ପ୍ରତାପ ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

**ରଘୁନାଥପୁର:** ରଘୁନାଥପୁର ବ୍ଲକ ବିଜେଡି ପକ୍ଷରୁ ବିଜୁବାବୁଙ୍କ ୧୧୦ତମ ଜନ୍ମ ଜୟନ୍ତୀ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ନିକଟରେ ପାଳିତ ହୋଇଯାଇଛି। ରଘୁନାଥପୁର ବ୍ଲକ ବିଜେଡି ସଭାପତି ତଥା ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଏକ ପଟୁଆରରେ ଆସି ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରା ଯାଇଥିଲା। ଏଥି ଉପଲକ୍ଷେ ଆୟୋଜିତ ଏକ ସଭାରେ କର୍ମୀ ମାନେ ବିଜୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଶ୍ରୀ ତ୍ରିପାଠୀଙ୍କ ସମେତ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସମିତି ସଭ୍ୟ ବିଶ୍ୱଜିତ ଦାଶ, ବିଜୁ ଛାତ୍ର ଜନତା ସଭାପତି ଯୋଶେଫ୍ ସ୍ୱାଇଁ, ସରପଂଚ ନଳୀନିପ୍ରଭା ମୁଦୁଲି, ସରପଞ୍ଚ ବଟକୃଷ୍ଣ ନାୟକ, ସରପଂଚ ସୁଷମା ମଲ୍ଲିକ, ସରପଞ୍ଚ କିଶୋର ବେହେରା, ସରପଞ୍ଚ ବନମାଳୀ ସାହୁ, ଶିବରାମ ସାହୁ, ରହିମ୍ ଖାଁ, ଅଜୟ ସାମଲ, ଅନ୍ତର୍ଯ୍ୟାମୀ ସାମଲ, ଅନୁପ ପ୍ରସାଦ ସ୍ୱାଇଁ, ରବି ବିଶ୍ୱାଳ, ଅଜୟ ସାମଲ, ରହିମ ଖାଁ, ନିରାକାର ଖୁଣ୍ଟିଆ, ଗୌତମ ପାଲିତ, ପ୍ରତାପ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ରାଉତ, ତିର୍ତ୍ତୋଲ ବିଜେଡି ସଭାପତି ବସନ୍ତ ମହାପାତ୍ରଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ। ପରେ କର୍ମୀଙ୍କ ଦ୍ୱାରା ରଘୁନାଥପୁର ଡାକ୍ତରଖାନାର ଅନ୍ତଃ ର୍ବିଭାଗ ରୋଗୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।



# ସ୍ମାର୍ଟ ମିଟରକୁ ବିରୋଧ କରି ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ତିର୍ତ୍ତୋଲ/ଜଗତସିଂହପୁର, ୫।୩(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଏବଂ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ଉପସ୍ଥିତିରେ ଅତିରିକ୍ତ ସୁରକ୍ଷା ଜମାରାଶି ଓ ସ୍ମାର୍ଟ ମିଟରକୁ ବିରୋଧ କରି ତିର୍ତ୍ତୋଲ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ଘେରଉ ଓ ପ୍ରତିବାଦ ସଭା କରାଯାଇଥିଲା। ସରଣୀ ଛକ ଠାରୁ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ଟାଟା ପାୱାର ଏବଂ ସରକାର ବିରୁଦ୍ଧରେ ନାରାବାଜି ସହିତ ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍‌ଙ୍କ ସଭାପତିତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ନାୟକ




ଅତିରିକ୍ତ ସୁରକ୍ଷା ଜମାରାଶିକୁ ପ୍ରତ୍ୟାହାର ଏବଂ ସ୍ମାର୍ଟ ମିଟରର ବିଶ୍ୱସନୀୟତା ପରୀକ୍ଷା ନହେବା ଯାଏ ସ୍ମାର୍ଟ ମିଟର କୁ ପ୍ରତ୍ୟାହାର କରିବା, ବିଦ୍ୟୁତ୍‌କାଟ୍ ଓ ଅନ୍ୟାନ୍ୟ ଆଞ୍ଚଳିକ ସମସ୍ୟା ସମ୍ବନ୍ଧରେ ଉପଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ କଂଗ୍ରେସ ଦାବି କରିଥିବା ସମସ୍ୟା ଗୁଡିକର ସମାଧାନ କରାଯାଉ ନଚେତ୍ କଂଗ୍ରେସ ଦଳ ଆଗକୁ ଆନ୍ଦୋଳନ ତୀବ୍ରତର କରିବ ବୋଲି ଇଂ ମଲ୍ଲିକ ଚେତାବନୀ ଦେଇଛନ୍ତି।

ଜିଲ୍ଲା କଂଗ୍ରେସ ଉପ ସଭାପତି ମହମ୍ମଦ ଅବଦୁଲ ୱାହିଦ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଶୁଭ ନାରାୟଣ ନାୟକ, ଧନଞ୍ଜୟ ସୂତାର, କାର୍ଯ୍ୟକାରୀ ସଦସ୍ୟ ଅକ୍ଷୟ ଦାଶ, ଜିତେନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ସ୍ୱାଇଁ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ମଣିଜଙ୍ଗା ସରପଞ୍ଚ ଶଶଧର ମଲ୍ଲିକ, ଜଗନ୍ନାଥପୁର ସରପଞ୍ଚ ସୁଶାନ୍ତ ନାୟକ, ମୂଳିସିଂ ସମିତିସଭ୍ୟ ରଞ୍ଜନ ସାହୁ, ଆମ୍ବେରି ସମିତିସଭ୍ୟ ଅରୁଣ ମଲ୍ଲିକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ପ୍ରଦୀପ୍ତ ଶତପଥୀ, ଲଲାଟ କେଶରୀ ମହାପାତ୍ର, ବ୍ରଜ କିଶୋର ମଲ୍ଲିକ, ପ୍ରଶାନ୍ତ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

# ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

ପାରାଦୀପ, ୫।୩(ସମିସ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଗୁରୁବାର ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ପାରାଦୀପ ବନ୍ଦର ପ୍ରଶାସନିକ ଭବନ ପରିସରରେ ଅଧ୍ୟକ୍ଷ ପି.ଏଲ. ହରନାଦ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶ୍ରମିକ, କର୍ମଚାରୀମାନେ ଜୀବନରେ ସବୁବେଳେ ସୁରକ୍ଷିତ ଭାବେ କାର୍ଯ୍ୟକରିବା ପାଇଁ ଅଧ୍ୟକ୍ଷ ହରନାଦ ଶପଥ ପାଠ କରାଇଥିଲେ। ଏହି ଅବସରରେ



ଏକ ସୁରକ୍ଷା ସଚେତନତା ରଥକୁ ପତାକା ଦେଖାଇ ଶ୍ରୀ ହରନାଦ ଶୁଭାରମ୍ଭ କରିଥିଲେ। ଏହି ରଥ ପାରାଦୀପ ଅଂଚଳ ପରିକ୍ରମା କରିବା ସହିତ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେବ। କାର୍ଯ୍ୟକ୍ରମରେ ବନ୍ଦର ସିଏମଇ ସୁଶୀଲ କୁମାର ନାହାକଙ୍କ ସମେତ ବନ୍ଦରର ବିଭାଗୀୟ ମୁଖ୍ୟ ଯୋଗ ଦେଇଥିବା ବେଳେ ଚେନ୍ନାଇ ରାଧା ଏ. ରମେଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପାରାଦୀପ ବନ୍ଦର ପକ୍ଷରୁ କର୍ମଚାରୀ, ଶ୍ରମିକ, ଠିକା ଶ୍ରମିକମାନଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରିକ୍ଷା କରାଯିବା ନେଇ ଅଧ୍ୟକ୍ଷ ଶ୍ରୀ ହରନାଦ ଘୋଷଣା କରିଥିଲେ।

# କେନ୍ଦ୍ର ଗୃହମନ୍ତ୍ରୀଙ୍କ ପାରାଦୀପ ଗସ୍ତ ପାଇଁ ଇଫ୍‌କୋ ପରିସରରେ ପ୍ରସ୍ତୁତି



ପାରାଦୀପ, ୫।୩ (ସମିସ): ଦିନିକିଆ ପାରାଦୀପ ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଏହି ଅବସରରେ ୭ ଶହ କୋଟି ଟଙ୍କାର ପ୍ରକଳ୍ପକୁ ଲୋକାର୍ପଣ କରିବେ। ପାରାଦୀପ ଇଫ୍‌କୋ ୟୁନିଟ ତରଫରୁ ଦିନକୁ ୨ ହଜାର ମେଟ୍ରିକ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ସଲଫ୍ୟୁରିକ ଏସିଡ ପ୍ଲାଣ୍ଟକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଶ୍ରୀ ଶାହଙ୍କ ସହିତ କେନ୍ଦ୍ର ଉଚ୍ଚଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତିନିଦିନ ହେବ ଗୃହମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ହେବାପରେ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିବା କହିବା ସହିତ ଶିଳ୍ପମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥାକୁ ଯାଞ୍ଚ କରାଯାଇଛି ବୋଲି କହିଛନ୍ତି ପାରାଦୀପ ଇଫ୍‌କୋ ୟୁନିଟ ମୁଖ୍ୟ ପି କେ ମହାପାତ୍ର। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପ୍ରଥମଥର ପାଇଁ ପାରାଦୀପ ଗସ୍ତ ପାଇଁ ଆମେ ବେଶ ଉତ୍କଣ୍ଠାର ସହିତ ଅପେକ୍ଷା କରିଛୁ ବୋଲି କହିଛନ୍ତି ପାରାଦୀପ ନଗର ବିଜେପି ସଭାପତି ସୁବ୍ରତ ପ୍ରଧାନ।

# ୩୦ ଲିଟର ଦେଶୀ ମଦ ଜବତ

ପାରାଦୀପ, ୫।୩(ସମିସ): ପାରାଦୀପ ଲକଥାନା ପାରାଦୀପ ଗଡ ବଜାରରୁ ପୁଲିସ ଜଣେ ୭୦ ବର୍ଷୀୟ ବୃଦ୍ଧକୁ ଚୋରା ମଦ ବିକ୍ରି କରୁଥିବା ବେଳେ ଧରିଛି। ତାଙ୍କ ନିକଟରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ତାଙ୍କ ନାଁ ରାମ ବେହେରା ଓ ତାର ଘର ପାରାଦୀପ ଗଡ ଅଞ୍ଚଳରେ ବୋଲି ଜଣାପଡିଛି। ସେହିପରି ଦୋଛକିରେ ବାଲିକୁଦା ଥାନା ମାଛ ଗାଁ ର କ୍ଷୀରୋଦ ସ୍ୱାଇଁ (୬୦) ଚୋରା ମଦ ବିକ୍ରି କରୁଥିବା ବେଳେ ପୁଲିସ ଧରିବା ସହ ଥାନାକୁ ଆଣିଥିଲା। ତା ନିକଟରୁ ମଧ୍ୟ ୧୫ ଲିଟର ଚୋରା ମଦ ଜବତ କରିଛି ପୁଲିସ। ଯେହେତୁ ଉଭୟଙ୍କ ବୟସ ୬୦ ରୁ ଅଧିକ ତେଣୁ ସେମାନଙ୍କୁ ନୋଟିସ ଦିଆଯାଇ ଆଉ ଏଭଳି ଚୋରା ମଦ ବ୍ୟବସାୟ କରିବେ ନାହିଁ ବୋଲି ଦସ୍ତଖତ କରି ଛଡ଼ାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି। ତେବେ ଏହି ଦୁଇ ବୟସ୍କଙ୍କ କହିବା କଥା ଆମେ ଆମର ଖର୍ଚ୍ଚ ପାଇଁ ବାର୍ଦ୍ଧକ୍ୟ ସମୟରେ ଆମେ ଏଭଳି କାରବାର କରି ଆସୁଛୁ।



## ଛେଣ୍ଡିପଦା ବିଧାୟକଙ୍କ ଗାଡ଼ି ଧକ୍କାରେ ଯୁବକ ଆହତ

**ଢେଙ୍କାନାଳ,୫ ।୩(ସମିସ):** ୫୫ ନମ୍ବର ଜାତୀୟରାଜପଥର ଢେଙ୍କାନାଳ ଜିଲ୍ଲା କଣ୍ଟାନାଳୀ ବାଇପାସରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ଗାଡ଼ି ଧକ୍କାରେ ଜଣେ ଯୁବକ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ବିଧାୟକ ନିଜ ଗାଡ଼ିରେ ଆହତ ଯୁବକଙ୍କୁ ନେଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମିଳିଥିବା ସୂଚନା ଅନୁଯାୟୀ, ବିଧାୟକ ବେହେରା ଗୁରୁବାର ନିଜ ଗାଡ଼ିରେ ଯାଉଥିବା ବେଳେ ଟାଉନ ଥାନା ଅନ୍ତର୍ଗତ ଦକ୍ଷିଣକାଳୀ ଅଞ୍ଚଳର ସନ୍ତୋଷ ସାହୁ ନିଜ ଗାଡ଼ିରେ ରାସ୍ତା ପାର ହେଉଥିଲେ । ଏହି ସମୟରେ ବିଧାୟକଙ୍କ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗାଡ଼ିରୁ ଛିଟିକି ପଡ଼ି ଆହତ ହୋଇଥିଲେ । ସନ୍ତୋଷଙ୍କ ବାମ ଗୋଡ଼ରେ ଆଘାତ ଲାଗିଛି । ତାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ବିଧାୟକ କହିଛନ୍ତି ।

● ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ

## ବାପା ମୃତ, ମା' ଓ ଭାଇ ଗୁରୁତର

**ପରଜଙ୍ଗ,୫ ।୩(ସମିସ):** ହୋଲିରେ ରକ୍ତରଞ୍ଜିତ ହେଲା ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅନ୍ତର୍ଗତ ସରାଙ୍ଗ ଗାଁ । ସାମାନ୍ୟ ବଚସାରୁ ଘଟିଛି ହତ୍ୟାକାଣ୍ଡ । ଅପରାହ୍ନ ପ୍ରାୟ ୨ଟାରେ ହୋଲି ଖେଳିସାରି ସରାଙ୍ଗ ଗ୍ରାମର ପ୍ରବୀଣ ବେଜ (୩୨) ନିଜ ସ୍କୁଟରରେ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ବିଶ୍ୱନାଥ ବେଜଙ୍କ ପୁଅ ସୌଭାଗ୍ୟ ବେଜ (୧୨)ଙ୍କ ଦେହରେ ପ୍ରବୀଣଙ୍କ ସ୍କୁଟର ଘସି ହୋଇ ଯାଇଥିଲା । ଫଳରେ ପ୍ରବୀଣ ଓ ସୌଭାଗ୍ୟଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ଉଭୟ ନିଜ ନିଜ ଘରକୁ ଯାଇଥିଲେ । ଘରେ ପହଞ୍ଚିଲା ପରେ ପ୍ରବୀଣ ତାଙ୍କ ଭାଇ ପ୍ରସନ୍ନ, ପରମାନନ୍ଦ, ପ୍ରକାଶ ଓ ଅନ୍ୟମାନଙ୍କ ସହ ହାତରେ ଠେଙ୍ଗା ଓ ମାରଣାସ୍ତ୍ର ଧରି ବିଶ୍ୱନାଥଙ୍କ ଘରକୁ ଯାଇ ମାରପିଟ କରିଥିଲେ । ପ୍ରବୀଣ ହାତରେ ଧରିଥିବା ଛୁରୀରେ ବିଶ୍ୱନାଥ ବେଜ (୫୦)ଙ୍କୁ ଆକ୍ରମଣ କରିଥିଲେ । ବିଶ୍ୱନାଥଙ୍କ ସ୍ତ୍ରୀ ସୁଜାତା (୪୫) ଓ ପୁଅ ସୌଭାଗ୍ୟ ସେମାନଙ୍କୁ ପ୍ରତିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ମଣ୍ଡାପାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ବିଶ୍ୱନାଥଙ୍କ ମୃତ ଘୋଷଣା କରିଥିଲେ । ସୌଭାଗ୍ୟ ଓ ସୁଜାତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ପ୍ରଥମେ ଅନୁଗୋଳ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି । ସରାଙ୍ଗ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପ୍ରବୀଣଙ୍କୁ ଗିରଫ କରିଛନ୍ତି । ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ପରଜଙ୍ଗ,୫ ।୩(ସମିସ):** ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅନ୍ତର୍ଗତ ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ରାସ୍ତାର କୁମୁସିସ୍ଥିତ ମାଧିଆ ରଗୁଡ଼ି ପାଖରେ ଗୁରୁବାର ଅପରାହ୍ନରେ ଏକ ଘରୋଇ ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କୁମୁସି ଗ୍ରାମର ମନୋଜ କୁମାର ସେଠୀ (୪୦) । ପୁଲିସ ବସ୍ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣା ପରେ ବସ୍ ଚାଳକ ଫେରାର ହୋଇଯାଇଛନ୍ତି । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି ।

## ପାରିବାରିକ କଳହ; ଭାଇକୁ ହାଣିଲା ଭାଇ

● ଗୁରୁତର ଅବସ୍ଥାରେ ଢେଙ୍କାନାଳ ସ୍ଥାନାନ୍ତର

**କାମାକ୍ଷାନଗର,୫ ।୩(ସମିସ):** କଙ୍କଡ଼ାହାଡ଼ ଥାନା ରୋଡ଼ଙ୍ଗ ଗ୍ରାମରେ ହୋଲିରେ ଘଟିଛି ଅଘଟଣ । ପାରିବାରିକ କଳହକୁ ନେଇ ଭାଇକୁ ହାଣିଦେଲା ଭାଇ । ଗୁରୁତର ଅବସ୍ଥାରେ ସତିଆ ପଧାନଙ୍କୁ ମେଡିକାଲରେ ଭର୍ତ୍ତି କରିଛନ୍ତି । ସୂଚନା ଅନୁସାରେ ସତିଆଙ୍କ ଭାଇ ଶ୍ରୀଧର ମଦପିଇ ଏଣେତେଣେ ବୁଲୁଥିବା ବେଳେ ତାଙ୍କ ପିଲାଛୁଆଙ୍କୁ ସତିଆ ଖାଇବାକୁ ଦେଉଥିଲେ । ହଠାତ ଗୁରୁବାର ଶ୍ରୀଧର ମଦପିଇ ସତିଆଙ୍କ ଘରକୁ ଆସିଥିବା ବେଳେ ସତିଆ ତାଙ୍କୁ ନିଜ ପିଲାଛୁଆଙ୍କ ଦାୟିତ୍ୱ ନେବାକୁ କହିବା ସହ ସେ ଆଉ ଖାଇବାକୁ ଦେବେନାହିଁ ବୋଲି କହିଥିଲେ । ଏଥିରେ ଶ୍ରୀଧର ଉତ୍ତ୍ୟକ୍ତ ହୋଇ ମାରଣାସ୍ତ୍ରରେ ସତିଆଙ୍କ ଛାତିକୁ ହାଣି ଦେଇଥିଲେ । ପରିବାର ଲୋକେ ତୁରନ୍ତ ସତିଆଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ । ମାତ୍ର ଅବସ୍ଥା ଗୁରତର ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି ।

### ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

# 'ଲୋକଙ୍କ ସହ ରହି ସଂଗଠନକୁ ସୁଦୃଢ଼ କର'






**ଢେଙ୍କାନାଳ,୫ ।୩(ସମିସ)**

ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପୂର୍ବତନ ବିଧାୟକ ସୁଧୀର ସାମଲଙ୍କ ବାସଭବନରେ ପାଳିତ ହୋଇଛି । ସୁଧୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକରମରେ ବହୁ ଦଳୀୟ କର୍ମୀ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ବିଜୁବାବୁ ସର୍ବଦା ଓଡ଼ିଶାବାସୀଙ୍କ ଶିକ୍ଷା, ସାମାଜିକ ବିକାଶ ପାଇଁ ଚିନ୍ତା କରୁଥିଲେ । ତାଙ୍କ ଦେହାନ୍ତ ପରେ ତାଙ୍କ ନୂତନ ଓଡ଼ିଶା ଗଠନର ସ୍ୱପ୍ନକୁ ତାଙ୍କ ସୁପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିବା ପାଇଁ ପଦକ୍ଷେପ ନେଇଥିଲେ । ସରକାର ପରିବର୍ତ୍ତନ କରିବାରେ ଲୋକେ ଯେଉଁ ଭୁଲ କରି ବିଜେପି ସରକାରକୁ ତିଆରିକଲେ ତାହା ଏବେ ଲୋକମାନେ ବୁଝିସାରିଲେଣି । ପରିବର୍ତ୍ତନ ନାଁରେ ଲୋକଙ୍କ ପାଇଁ ନିୟମ ପରିବର୍ତ୍ତନ ହୋଇଗଲା । ତେଣୁ ଆଜିର ଦିନରେ ଲୋଚକେ ବହୁତ ହଇରାଣ ହରକତ ହେଲେଣି । ଆଗାମୀ ପଞ୍ଚାୟତ ନିର୍ବାଚନରେ ଲୋକଙ୍କ ସୁଖ ଦୁଃଖରେ ସାଥୀହୋଇ ସେମାନଙ୍କ ପାଖରେ ଠିଆହେଲେ ସଙ୍ଗଠନ ହୋଇପାରିବ ବୋଲି ପୂର୍ବ ବିଧାୟକ ସାମଲ କହିଥିଲେ ।

ସେହିପରି ପୂର୍ବାହ୍ନ ୮ ଟାରେ ରଥଗଡ଼ା ନିକଟ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ସାଂସଦ ମହେଶ ସାହୁ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରୋତ୍ତମ ସାହୁ, ଜିଲ୍ଲାପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ବିଜେଡି ଜିଲ୍ଲା ଉପ-ସଭାପତି ଅଜୟ କୁମାର ଭଞ୍ଜ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ବରିଷ୍ଠ ନେତା ସୁକାନ୍ତ କୁମାର ମିଶ୍ର, ଜିଲ୍ଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲ୍ଲା ଛାତ୍ର ସଭାପତି ଆର୍ଯ୍ୟନ ଦାସ, ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଆଇନ ସେଲ ଅଧ୍ୟକ୍ଷ ତଥା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଜିଲ୍ଲାପରିଷଦ ସଦସ୍ୟ ଅଶୋକ କୁମାର ପରିଡ଼ା, ବିଭୂତି ଭୋଇ, ଜିଲ୍ଲା ସୋସିଆଲ ମେଡିଆ ସଂଯୋଜକ ଗଙ୍ଗାଧର ରାଉତ, ଯୁବନେତା ଶ୍ରୀକାନ୍ତ କୁମାର ଧଳ, ବଳରାମ ପରିଡ଼ା, ଜିଲ୍ଲା ସମ୍ପାଦକ ରଞ୍ଜନ ନାୟକ, ମାନସ ମହାରଣା, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ କୁଳଦୀପ ମହାପାତ୍ର, ଗଁନ୍ଦିଆ ବ୍ଲକ ବିଜେଡି ସଭାପତି ପ୍ରଦିପ କୁମାର ରାଉତ, ସଦର ବ୍ଲକ ସଭାପତି ଯଶେଷ ସାହୁ, ଉର୍ବଶୀ ମହାପାତ୍ର, କାଉନସିଲର ଲିପିକା ଦାସ, ମହମ୍ମଦ ସାଗିର, ଦୀପ୍ତିରଞ୍ଜନ ସେଠୀ. ବଶୀଂଧର ଦଳେଇ, ଯୁବ ବିଜେଡି ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଛାତ୍ରନେତା ଓମପ୍ରକାଶ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ । ଜିଲ୍ଲା ଉପସଭାପତି ଦେବାଶିଷ ମିଶ୍ର ସଭା ପରଚାଳନା କରିଥିବା ବେଳେ ଟାଉନ ସଭାପତି ବିନୋଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

**କାମାକ୍ଷାନଗର:** କାମାକ୍ଷାନଗର ବିଜେଡି ତରଫରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି । କାମାକ୍ଷାନଗର ସହର ବିଜୁ ପଟ୍ଟନାୟକ ବସଷ୍ଟାଣ୍ଡରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ଥାନୀୟ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପରେ ଅନନ୍ତପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା । ଏଥିରେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏନଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ଜିଲ୍ଲାପରିଷଦ ସଭ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ । ଓଡ଼ିଶାର ପ୍ରଗତିରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଏନଏସି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଜିଲ୍ଲା ଉପସଭାପତି ହିମାଂଶୁ ଶେଖର ମହାପାତ୍ର, ସାଧାରଣ ସମ୍ପାଦକ ଦିଲୀପ ଷେଣ୍ଠେ ପ୍ରମୁଖ ଅଞ୍ଚଳର ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ ।



ପୂର୍ବରୁ ସରକାରୀ ସ୍ତରରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିଲା । କିନ୍ତୁ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ହୀନମନ୍ୟତାର ପରିଚୟ ଦେଇ ଏହାକୁ ବନ୍ଦ କରିଦେଲା ବୋଲି ଅତିଥିମାନେ କହି କ୍ଷୋଭ ପ୍ରକାସ କରିଥିଲେ । ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଲୋକେ ଏହାର ଜବାବ ଦେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ, ସହିଦ୍ ବାଜିରାଉତଙ୍କ ପ୍ରତିମୂର୍ତ୍ତି ଓ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଦଳର ବହ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ ।

**ଖଜୁରିଆକଟା:** ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ହିନ୍ଦୋଳ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମହେଶ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଦଶଦେବୀ ମନ୍ଦିର ନିକଟରେ ପାଳିତ ହୋଇଛି । ଏହି ଅବସରରେ ପୂର୍ବତନ ସାଂସଦ ସାହୁ ବିଜେପି ସରକାର ଉପରେ ବର୍ଷିଥିଲେ । ବିଜେଡି କର୍ମୀ, କାର୍ଯ୍ୟକର୍ତ୍ତା ଓ ନେତାମାନେ ଲୋକଙ୍କ ସେବା ଜାରି ରଖିବାକୁ ସେ ଆହ୍ୱାନ ଦେଇଥିଲେ । ମୁଖ୍ୟଅତିଥି ଭାବେ ଅବିନାଶ ସାମଲ, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ ଯୋଗଦେଇ ବିଜୁବାବୁଙ୍କ ଗୁଣଗାନ କରିବାସହ ବିଜେଡି ସରକାରଙ୍କ ସଫଳତା ବର୍ଣ୍ଣନା କରିଥିଲେ । ସମଗ୍ର ବିଜୁ ପରିବାର ଏକଜୁଟ ହୋଇ ଆଗାମୀ ନିର୍ବାଚନରେ ପୁଣି ଦଳକୁ କ୍ଷମାତାସୀନ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ମମତା ସାହୁ, ରାଜ୍ୟ ଯୁବ ସମ୍ପାଦକ ରାଜେଶ ପରିଡ଼ା, ଜିଲ୍ଲା ମହିଳା ଉପସଭାପତି ମମତଞ୍ଜଳି ବେହେରା, ଜିଲ୍ଲା ମହିଳା ସାଧାରଣ ସମ୍ପାଦିକା ତଥା ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ଓଡ଼ାପଡ଼ା ବ୍ଲକ ସଭାପତି ଜଟୀ ନାଏକ, ହିନ୍ଦୋଳ ଏନଏସି ବିଜେଡି ସଭାପତି ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରତାପ ସାହୁ ଓ ଚକ୍ରଧର ଦାସ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ଅଭିରାମ ଦଳେଇ, ଜିଲ୍ଲା ମହିଳା ସମ୍ପାଦିକା ସଞ୍ଜୁକ୍ତା ବେହେରା, ହିନ୍ଦୋଳ ବ୍ଲକ ମହିଳା ସଭାପତି ଯୋଗମାୟା ଗଡ଼ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସେହିପରି ବିଜେପିର ନାଲିଆଖିକୁ ନ ଡରି ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ ଓ ସମର୍ଥକମାନେ ଏନଏସିରେ ବିଜୁ ଜୟନ୍ତୀ ପାଳନ କରିଥିଲେ ।

**ଭୁବନ:** ଭୁବନ ବିଜେଡି ତରଫରୁ ସ୍ଥାନୀୟ ବିଷ୍ଣୁପ୍ରିୟା ଗାଲାକ୍ସି କନଫରେନ୍ସ ହଲରେ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ପାଳିତ ହୋଇଛି । ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା ଓ ଏନଏସି ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବିନାଶ ସାମଲ ଯୋଗଦେଇ ବିଜୁବାବୁଙ୍କ କର୍ମମୟ ଜୀବନ ଏବଂ ଓଡ଼ିଶା ପାଇଁ ତାଙ୍କ ଅବଦାନ ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ ଯୋଗଦେଇ କହିଲେ, ସାହସର ଅନ୍ୟ ନାମ ବିଜୁ ପଟ୍ଟନାୟକ, ଓଡ଼ିଆ ଜାତିର ସେ ଅମର ନାୟକ । ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ଭଳି ସାହସୀ ହେବାକୁ ସେ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଏନ୍ଏସି ଉପାଧ୍ୟକ୍ଷା ମାନିନୀ ସାହୁ, ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସାହୁ, ଅଜୟ ସେଠୀ, ଅଭିମନ୍ୟୁ ବେହେରା, ସୋମନାଥ ମହାରଣା, ସମ୍ପାଦକ ବିଶ୍ୱଜିତ ବାରିକ, ପିଣ୍ଟୁ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ବିଜୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ । ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସ୍ରଷ୍ଟା ବିଜୁବାବୁଙ୍କ ଜନ୍ମ ଦିବସକୁ ପୂର୍ବରୁ ସରକାରୀ ସ୍ତରରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିଲା ।



**ଯୋରନ୍ଦା:** ଯୋରନ୍ଦାଠାରେ ଗୁରୁବାର ବିଜୁବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଛି । ମହିମାଗାଦି ଯୋରନ୍ଦା ବିଜୁ ଜନତାଦଳ ଆନୁକୂଲ୍ୟରେ ନାଟିମା ବଜାରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା । ଯୁବ ସମାଜସେବୀ ଆଲୋକ ରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଜୁପ୍ରେମୀ ଯୋଗଦେଇ ବିଜୁବାବୁଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ । ଲମ୍ବୋଦର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ତର୍ଯ୍ୟାମୀ ମଲ୍ଲିକ, ଅଭିରାମ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।



## ତକ୍ଷଶିଳାରେ ୧୧ତମ ବାର୍ଷିକ ଉତ୍ସବ

**ଭୁବନ,୫ ।୩(ସମିସ):** ଭୁବନ ଏନ୍ଏସି ଅନ୍ତର୍ଗତ ଉଦଳିଆପଶିଠାରେ ଭାରତୀୟ ବିଦ୍ୟା ନିକେତନ ତକ୍ଷଶିଳା ପରିସରରେ ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କ ପ୍ରତିନିଧି ସଞ୍ଜୟ ଦାସ ଉଦ୍‌ଘାଟକ, ଶୁକଦେବ ମହାନ୍ତ ମୁଖ୍ୟଅତିଥି, ଶିକ୍ଷାବିତ ମନୋରଞ୍ଜନ ଦାସ ମୁଖ୍ୟବକ୍ତା, ଯଶସ୍ୱିନୀ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ତକ୍ଷଶିଳାର ସତ୍ତ୍ୱାଧିକାରୀ ଜଗବନ୍ଧୁ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ । ରାଜକିଶୋର ମହାନ୍ତି, ରବିନାରାୟଣ ସୁତାର, ଧୀରେନ ପୃଷ୍ଟି, ଭୁବନ ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ ରତିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ଅଧ୍ୟକ୍ଷା ସୁଲୋଚନା ବରାଳ ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଚନ୍ଦନ କୁମାର ତ୍ରିପାଠୀ, ଶ୍ରଦ୍ଧାଞ୍ଜଳି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



## ଶିବିରରେ ୯୫ ୟୁନିଟ ରକ୍ତ ସଂଗ୍ରହ

**ଢେଙ୍କାନାଳ,୫ ।୩(ସମିସ):** ସ୍ଥାନୀୟ ଅଭିନନ୍ଦନ ଗାର୍ଡେନରେ କୁମ୍ଭାରସାହି ରାଇଜିଂ ଷ୍ଟାର କ୍ଲବ ପକ୍ଷରୁ ପଞ୍ଚମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ବ୍ୟବସାୟୀ ଶରତ ଚନ୍ଦ୍ର ପାଢ଼ୀ ଉପସ୍ଥିତ ଥିଲେ । ଶରତଙ୍କ ପୁଅ ତଥା କ୍ଲବ ସଦସ୍ୟ ରଶ୍ମିରଞ୍ଜନ ପାଢ଼ୀ ତାଙ୍କ ୭୯ତମ ରକ୍ତଦାନ କରିଥିଲେ । ଜିଲ୍ଲା ରକ୍ତ ଭଣ୍ଡାର ସଭାପତି ବିରଞ୍ଚି ନାରାୟଣ ପାଣି, ପରମାନନ୍ଦ ପଣ୍ଡା, ଅଜୟ କୁମାର ସ୍ୱାଇଁ, ରୋହିତ ଦାସ, ଅଭିମନ୍ୟୁ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିବା ବେଳେ କ୍ଲବ ସଭାପତି ସନାତନ ରାଉଳ, ସମ୍ପାଦକ ଗୁରୁପଦ ବିଶ୍ୱାଳ, ଇଂ ଅଶୋକ ଦାସ, ଅବସରପ୍ରାପ୍ତ ବନ ଅଧିକାରୀ ସୁବାସ ଚନ୍ଦ୍ର ମିଶ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ବସନ୍ତ କୁମାର ସାହୁ, ପୂର୍ବତନ ରାଜସ୍ୱ ନିରୀକ୍ଷକ ଶରତ ସାହୁ, ଜିଲ୍ଲା ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ, ଶିଳ୍ପପତି ମନୋଜ କୁମାର ପୃଷ୍ଟି, ବିମଳ ପୋଦ୍ଦାର, କୃଷ୍ଣ ଦେବତା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରୁ ୯୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । କାର୍ଯ୍ୟକ୍ରମରେ ବିଶ୍ୱଜିତ ମହାରଣା, ଆଲୋକ ସାହୁ, ଜିତେନ୍ଦ୍ରୀୟ ପଣ୍ଡା, ବେଣୁଧର ରାଉତ, ଗୋଲକ ବିଶ୍ୱାଳ, ପବିତ୍ର ସେନାପତି, ପ୍ରତାପ ସେନାପତି, ସନ୍ତୋଷ ବେହେରା ପ୍ରମୁଖ ସହଯୋଗ କରିଥିଲେ । କ୍ଲବର ମାର୍ଗଦର୍ଶକ ସମାଜସେବୀ ଗୋବିନ୍ଦ ଚନ୍ଦ୍ର ରାଉଳ ରକ୍ତଦାନର ଉପକାରିତା ସମ୍ପର୍କରେ ପରାମର୍ଶ ଦେଇଥିଲେ ।



## ଗୁଡ୍‌ନାଇଟ କ୍ଲବର ବନ୍ଧୁମିଳନ କାର୍ଯ୍ୟକ୍ରମ



**ଢେଙ୍କାନାଳ,୫ ।୩(ସମିସ):** ହୋଲି ଅବସରରେ ଗୁଡ୍‌ନାଇଟ କ୍ଲବ ତରଫରୁ ସ୍ଥାନୀୟ ଗଣେଶବଜାରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ସହରର ବିଶିଷ୍ଟ ବ୍ୟକ୍ତି, ରାଜନେତା, ସାମ୍ବାଦିକ, ପୂଜା ଅନୁଷ୍ଠାନ କର୍ମକର୍ତ୍ତା, ବ୍ୟବସାୟୀ, ବୃଦ୍ଧିଜୀବୀ ଯୋଗଦେଇ ପରସ୍ପରକୁ ରଙ୍ଗ ଦେଇ ହୋଲି ଖେଳିଥିଲେ । ଅନୁଷ୍ଠାନ ସଭାପତି ସୁକାନ୍ତ ମିଶ୍ର, ଉପଦେଷ୍ଟା ବିଶ୍ୱନାଥ ବେହେରା, ଦୀପକ ପ୍ରସାଦ ପଟ୍ଟନାୟକ, ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଉପସଭାପତି ଟଙ୍କଧର ବେହେରା, ଗଣେଶ ବଜାର ପୂଜା କମିଟି ସଭାପତି ସଞ୍ଜୀବ ବେହେରା, ବିଜେଡି ଟାଉନ ସଭାପତି ବିନୋଦ ମହାନ୍ତି, ସାମ୍ବାଦିକ ଅଥୟ ସାହୁ, ରାଜଶ୍ରୀ ଶତପଥୀ, ଅରବିନ୍ଦ ସାହୁ, ଆଶିଷରଞ୍ଜନ ସାହୁ, ଗଙ୍ଗାଧର ରାଉତ, ନାରାୟଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ସାହୁ, ଆଇନଜୀବୀ କିଶାନ ବିଶ୍ୱାଳ, ସାମ୍ବାଦିକ ମାନସ ସାହୁ, ଦେବନ ସାହୁ, ନୃସିଂହ ବେହେରା, ବାବୁଲି ଭାଇ, ସଂସାର ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଢେଙ୍କାନାଳ,୫ ।୩(ସମିସ):** ରମ୍ଭା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସର୍ବେଶ୍ୱର ମିଶ୍ର, ନଡ଼ିଆଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଜୟକୃଷ୍ଣ ସେନାପତି, ଜବାହର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଚିତ୍ରାବତୀ ବେହେରା ଓ ଭୂଇଁପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ହୀରାମଞ୍ଜରୀ ହୋତା ଗତ ଫେବୃଆରୀ ୨୮ ତାରିଖ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ସଦର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ସେମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଇଓ ଦିବ୍ୟପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଫାଇନାଲ ପେନସନ ପେପର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ସେମାନଙ୍କ ସୁସ୍ଥ ଜୀବନ କାମନା କରାଯାଇଥିଲା । ସେକ୍ସନ ଅଫିସର ବବିତା ଦାସ, ସିନିୟର ଆସିଷ୍ଟାଣ୍ଟ ଅକ୍ଷୟ ହୋତା, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶତ୍ରୁଘ୍ନ ମଲ୍ଲିକ ଓ ଉପଦେଷ୍ଟା ଅସିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ

**ଢେଙ୍କାନାଳ,୫ ।୩(ସମିସ):** ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ପଞ୍ଚାୟତ ନଗାରି ଗ୍ରାମର କଷ୍ଟୁ ବେହେରା (୪୫)ଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା । ଗୁରୁବାର ସାଂସଦ ରୁଦ୍ରନାରାୟଣ ପାଣି ନଗାରି ଗ୍ରାମରେ ପହଞ୍ଚି କଷ୍ଟୁଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ବନ ଅଧିକାରୀଙ୍କୁ କହିଛନ୍ତି । ମାସକ ମଧ୍ୟରେ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ହାତୀଙ୍କ ଆକ୍ରମଣରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ଶୁଣି ସାଂସଦ ଦୁଃଖ ପ୍ରକାଶ କରିବା ସହ ବନ ଅଧିକାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏ ସମ୍ପର୍କରେ ବନ ବିଭାଗର ପ୍ରଧାନ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ପିସିସିଏଫ୍ ୱାଇଲ୍ଡ ଲାଇଫ୍ ପ୍ରେମ କୁମାର ଝା, ଆରସିସିଏଫ ସଞ୍ଜୟ ସ୍ୱାଇଁଙ୍କୁ ଫୋନ କରି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଢେଙ୍କାନାଳ ବନଖଣ୍ଡକୁ ଭାଗକରି ଦୁଇଟି ବନଖଣ୍ଡ କରିବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ସ୍ଥାନରେ ଉପସ୍ଥିତ ଥିବା କିଛି ଲୋକଙ୍କ ଅଭାବ ଅସୁବିଧା ସମ୍ପର୍କରେ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସମସ୍ତ ଅଭିଯୋଗ ଶୁଣି ସେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରିଥିଲେ । ସାଂସଦଙ୍କ ସହ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁଶାନ୍ତ ପତି, ଜିଲ୍ଲା ଉପ ସଭାପତି ସହଦେବ ପୃଷ୍ଟି, ସତ୍ୟରଞ୍ଜନ ମିଶ୍ର, ସୁଜନ ନାଏକ, ସୁଜିତ ବାରିକ, ସନ୍ତୋଷ ନାଏକ, ତପନ କୁମାର ମହାପାତ୍ର, ରଘୁନାଥ ମହାପାତ୍ର, ଗିରୀଶ ସେଠୀ, ପ୍ରବୋଧ ପ୍ରଧାନ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



